# <u>କଟକ ସହରାଚଂଳ ଗୃହରକ୍ଷୀ ନିଯୁକ୍ତି ନିମନ୍ତେ ବିଜ୍ଞାପନ</u>

କଟକ ସହରାଚଂଳ ପାଇଁ ୧୧ ଗୋଟି (ବୃଦ୍ଧି ଘଟିପାରେ) ଗୃହରକ୍ଷୀ ପଦବୀ ନିମନ୍ତେ କଟକ ସତ୍ୟବ୍ରତ ଷ୍ଟାଡ଼ିୟମ୍ ପଡ଼ିଆରେ ଆସନ୍ତା ତା ୧୮-୦୨-୨୦୧୯ ରିଖ ଦିନ ନିଯୁକ୍ତି ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ । ଏଥି ନିମନ୍ତେ ପ୍ରାର୍ଥୀମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି ।

ଏହି ଚୟନ ପ୍ରକ୍ରିୟା ସ୍ୱତନ୍ତ୍ର ଭାବେ ଓଡ଼ିଶା ଗୃହରକ୍ଷୀ ଆଇନ୍ ୧୯୬୧ **(Odisha Home Guards Act-1961)** ଓ ଓଡ଼ିଶା ଗୃହରକ୍ଷୀ ନିୟମାବଳୀ ୧୯୬୨ **(Odisha Home Guards Rules 1962)** ଦ୍ୱାରା ଅନୁବନ୍ଧିତ ଅଟେ ।

<u>ବୟସ ସୀମା:-</u> ଆସନ୍ତା ତା ୧୭-୦୨-୨୦୧୯ ରିଖ ସୁଦ୍ଧା ଆବେଦନକାରୀଙ୍କ ବୟସ ୨୦ ବର୍ଷରୁ କମ୍ କିମ୍ବା ୬୦ ବର୍ଷରୁ ଅଧିକ ହୋଇନଥିବ ଏବଂ ଆବେଦନକାରିଣୀଙ୍କ ବୟସ ୨୦ ବର୍ଷରୁ କମ୍ କିମ୍ବା ୪୫ ବର୍ଷରୁ ଅଧିକ ହୋଇନଥିବ ।

<u>ଶିକ୍ଷାଗତ ଯୋଗ୍ୟତା:-</u> ଆବେଦନକାରୀଙ୍କ ଶିକ୍ଷାଗତ ଯୋଗ୍ୟତା ନିମ୍ନ ପ୍ରାଥମିକ ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ । କମ୍ପ୍ୟୁଟର / ମୋଟର ଗାଡ଼ି ଚାଳନା କିମ୍ବା ଅନ୍ୟ କୌଳିକ ବୃତିରେ ଦକ୍ଷତା ଥିଲେ କର୍ତ୍ତୃପକ୍ଷ ଯୋଗ୍ୟତା ଭିତିରେ କୋହଳ ମନୋଭାବ ଗ୍ରହଣ କରି ପାରିବେ ।

<u>ଶାରୀରିକ ଯୋଗ୍ୟତା:-</u> ଆବେଦନକାରୀଙ୍କ ପାଇଁ ଶାରୀରିକ ପରୀକ୍ଷା / ବୈଷୟିକ ପରୀକ୍ଷା/ କୌଳିକ ବୃତିର ପରୀକ୍ଷା କରିବା କର୍ତ୍ତୃପକ୍ଷଙ୍କ ନିଜ କ୍ଷମତାର ଅନ୍ତର୍ଭୂକ୍ତ । ଏଥି ନିମନ୍ତେ ସମସ୍ତ ଆବେଦନକାରୀ ପ୍ରସ୍ତୁତ ହୋଇ ଆସିବା ଦରକାର ।

<u>ଆବେଦନ କରିବାର ଶେଷ ତାରିଖ:-</u> ଓଡ଼ିଶା ଗୃହରକ୍ଷୀ ନିୟମାବଳୀ-୧୯୬୨ ଅନୁଯାୟୀ ଆବେଦନକାରୀ/ 'ଫର୍ମ - ଏ' ରେ ଦରଖାସ୍ତ କରିବେ । ଆବେଦନ ପତ୍ର ଗୁଡ଼ିକ ନିଜ ହାତରେ ପୂରଣ କରି ଦୁର୍ଗପତି ଗୃହରକ୍ଷୀ ବାହିନୀ, ସହରାଚଂଳ କଟକଙ୍କ କାର୍ଯ୍ୟାଳୟରେ ସକାଳ ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା ମଧ୍ୟରେ ଦାଖଲ କରିପାରିବେ କିମ୍ବା ଡାକ ମାଧ୍ୟମରେ ଆବେଦନ କରିପାରିବେ । ଅସମ୍ପୂର୍ଣ୍ଣ ଆବେଦନ ପତ୍ର ଗୁଡ଼ିକକୁ ବିଚାରକୁ ନିଆଯିବ ନାହିଁ । ଏହି ନିଯୁକ୍ତି ବିଜ୍ଞାପନ ପ୍ରକାଶନ ପୂର୍ବରୁ ଯେଉଁ ଆବେଦନକାରୀ ଆବେଦନ ପତ୍ର ଦାଖଲ କରିଛନ୍ତି ସେଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ । ସେମାନଙ୍କୁ ଏତଦ୍ ଦ୍ୱାରା ପୁନର୍ବାର ଆବେଦନ କରିବା ପାଇଁ ଜଣାଇ ଦିଆଯାଉଅଛି । ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୧୩-୦୨-୨୦୧୯ ।

<u>ପ୍ରମାଣ ପତ୍ର:-</u> ଆବେଦନକାରୀ ୧) ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ର, ୨) ଜାତିଗତ ପ୍ରମାଣ ପତ୍ର, ୩) ତିନୋଟି ଫଟୋ କପି (ପାସ୍‌ପୋର୍ଟ ସାଇଜ୍), ୪) ଜନ୍ମ ତାରିଖର ପ୍ରମାଣ ପତ୍ର ଓ ଅନ୍ୟାନ୍ୟ ପ୍ରମାଣ ପତ୍ରର ନକଲ ନିଜ ସ୍ୱାକ୍ଷରରେ ଆବେଦନ ପତ୍ର ସହିତ ଦାଖଲ କରିବେ । ଏହାର ମୂଳ କପି ଚୟନ ପ୍ରକ୍ରିୟା ସମୟରେ ସାଙ୍ଗରେ ଆଣି ଆସିବେ ।

ପୂର୍ବରୁ ଗୃହରକ୍ଷୀ ବାହିନୀରେ ରହି କୌଣସି କାରଣ ବଶତଃ ବହିଷ୍କାର ହୋଇଥାଆନ୍ତି କିମ୍ବା ଏ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ତିନି ବର୍ଷ ରହିଲା ପରେ ବହିଷ୍କାର ହୋଇଥିଲେ ମଧ୍ୟ ଆପଣ ଉକ୍ତ ଚୟନ ପ୍ରକ୍ରିୟାରେ ଆବେଦନ କରି ଭାଗ ନେଇ ପାରିବେ ।

ସମସ୍ତ ଆବେଦନକାରୀଙ୍କୁ ସୂଚାଇ ଦିଆଯାଉଅଛି ଯେ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ମୁକ୍ତ ଏବଂ ନିରପେକ୍ଷ ଭାବରେ ହେବ । ତେଣୁ ଆପଣ କୌଣସି ବ୍ୟକ୍ତି ଦ୍ୱାରା ପ୍ରଲୋଭିତ ନ ହୋଇ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁରୋଧ । ଏହିଭଳି କୌଣସି ପରିସ୍ଥିତି ଉପୁଜିଲେ କିମ୍ବା ଜାଣିବାକୁ ପାଇଲେ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଜଣାଇବାକୁ ଅନୁରୋଧ । କୌଣସି କାରଣବଶତଃ କର୍ତ୍ତୃପକ୍ଷ ଚାହିଁଲେ ଏହି ଚୟନ ପ୍ରକ୍ରିୟାକୁ ବନ୍ଦ କିମ୍ବା ବାତିଲ କରି ଦେଇପାରନ୍ତି । ଏତଦ୍‌ଦ୍ୱାରା ସୂଚାଇ ଦିଆଯାଉଅଛି ଯେ, ଆବେଦନକାରୀ କୌଣସି ଫୌଜଦାରୀ କିମ୍ବା ଅପରାଧମୂଳକ କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ହୋଇଥିବାର ନିମ୍ନସ୍ୱାକ୍ଷରକାରୀଙ୍କ ଦୃଷ୍ଟି ଗୋଚର ହେଲେ ଉକ୍ତ ପ୍ରାର୍ଥୀଙ୍କୁ ଏହି ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯିବ ।

ଦୁର୍ଗପତି, ଗୃହରକ୍ଷୀ ବାହିନୀ,
କଟକ ସିଟି, କଟକ
<u>ଦୂରଭାଷ ନଂ.-</u>
୦୬୭୧-୨୩୦୦୫୭୦ / ୦୬୭୧-୨୩୦୨୫୫୨

ଚିଠି ନଂ 105 /ଗୃ.ର.

ତାରିଖ- ୫-୨-୨୦୧୯

ଏକକିତା ନକଲ ସମସ୍ତ ଏ.ସି.ପି. ଓ କଟକ ସହରାଚଂଳର ସମସ୍ତ ଥାନା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଗଲା ।

ଦୁର୍ଗପତି, ଗୃହରକ୍ଷୀ ବାହିନୀ,
କଟକ ସିଟି, କଟକ
<u>ଦୂରଭାଷ ନଂ.-</u>